## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଆହତ

ଖଇରା, ୨୦।୨(ଡି.ଏନ.ଏ): ଆଳଦା-କଇଥଗଡିଆ ରାସ୍ତାର କ୍ଷିରିକୋଳି ଛକ ନିକଟରେ ଏକ ପଥର ବୋଝେଇ ଟ୍ରକ ଧକ୍କାରେ ସିମୁଳିଆ ଥାନା ଝିଙ୍କିରିଆ ଗ୍ରାମର ପ୍ରହ୍ଲାଦ ଦାସ(୨୭)ଙ୍କ ମୃତ୍ୟୁ ଘଟିଛି। ଝିଙ୍କିରିଆ ଗ୍ରାମର ନିରଞ୍ଜନ ଦାସ(୩୮) ଆହତ ହୋଇଛନ୍ତି। ଆହତ ନିରଞ୍ଜନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଓ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ପ୍ରହ୍ଲାଦ ଓ ତାଙ୍କର ସମ୍ପର୍କୀୟ ନିରଞ୍ଜନ ଏକ ବାଇକ୍‌ରେ କଇଥଗଡିଆ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କଇଥଗଡିଆ ପାହାଡକୁ ପଥର ଆଣିବାକୁ ଯାଉଥିବା ଭାରିଯାନ ଉପରେ ପ୍ରଶାସନର ଅଙ୍କୁଶ ରହୁ ନ ଥିବାରୁ ଏଭଳି ଦୁର୍ଘଟଣା ଦୈନନ୍ଦିନ ଘଟୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ବସ୍ତା, ୨୦।୨(ସ୍ୱ.ପ୍ର): ସିଂଲା ଥାନା ସାର୍ଥା ଗ୍ରାମର ଛବିରାଣୀ ନାୟକ ନାମ୍ନୀ ମହିଳା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିଲେ ମଧ୍ୟ ସିଂଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### 'ଆତ୍ମବିଶ୍ୱାସୀ ହୁଅ'

ବାହାନଗା, ୨୦।୨(ଡି.ଏନ.ଏ.): ପିଲାମାନଙ୍କ ଭିତରେ ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଆତ୍ମବିଶ୍ୱାସ ଜାଗ୍ରତ କରାଇବାରେ ମୁଖ୍ୟ ଭୂମିକା ତୁଲାନ୍ତୁ ବୋଲି ବାହାନଗା ବ୍ଲକ ଖନ୍ତାପଡା ମହିଳା କନିଷ୍ଠ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ଗଣେଶୀ ଲାଲ୍ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା କବିତା ମୟୀ ପଣ୍ଡା ସଭାପତିତ୍ୱ କରିଥିଲେ। ବିଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ଓ ଯବନିକା ମହାନ୍ତି ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଲଳିତ କୁମାର ପାଣିଗ୍ରାହୀ, ଖନ୍ତାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜିନୀ ପଣ୍ଡା ମଞ୍ଚ ଆବାହନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ। ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ। ବହୁ ବାଦବିବାଦ ପରେ ଖନ୍ତାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ହେବାକୁ ଥିବା ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାତିଲ ହେବା ପରେ ଏହି ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଯୋଗ ଦେଇଥିଲେ।

### ବାଲି ବୋଝେଇ ଡମ୍ଫର ଜବତ

ଜଳେଶ୍ୱର, ୨୦।୨(ଡି.ଏନ.ଏ.)- ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା ଓ ତାଙ୍କ ଟିମ୍ ବୁଧବାର ଚଢାଉ କରି ଚୋରାରେ ବାଲି ବୋଝେଇ କରି ନେଉଥିବା ୪ ଟି ଡମ୍ଫର ଜବତ କରିଛନ୍ତି। ଜବତ ଡମ୍ଫରଗୁଡ଼ିକଠାରୁ ମୋଟ ୯୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଡମ୍ଫର ପଶ୍ଚିମବଙ୍ଗ ଆଡ଼କୁ ବାଲି ନେଇ ଯାଉଥିଲା।

### ନାଳ ପୋତି ଘର ନିର୍ମାଣକୁ ବିରୋଧ

ସୋର, ୨୦।୨(ଡି.ଏନ.ଏ.):ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ରଘୁନାଥପୁର ଗଞ୍ଜ ଗ୍ରାମରେ ଏକ ପାଣିନାଳକୁ ପୋତି ଘର ତିଆରିକୁ ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଛି। ଏନେଇ ବାଲେଶ୍ୱର ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା । ଏହି ପାଣିନାଳ ଉପରେ ମାଇନର ଇରିଗେଶନ ତରଫରୁ କେନାଲ କରାଯିବା ପାଇଁ ବିଭାଗ ତରଫରୁ ୧୫ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇ ୨୦୧୭-୧୮ ଜାନୁୟାରୀ ୨୭ରେ ଚୁକ୍ତି ସରିଥିଲା। ଚୁକ୍ତି କରିଥିବା ଠିକାଦାର ନକ୍ସା ଦେଖିବାରୁ ଉକ୍ତ ନାଳ ଉପରେ ଘର ତିଆରି ହେଉଥିବା ନେଇ ବିଭାଗକୁ ଜଣାଇଥିଲେ। ଏ ନେଇ ଗ୍ରାମବାସୀ ଜଗବନ୍ଧୁ ଜେନା, ପଞ୍ଚାନନ ସାହୁ, ବାସନ୍ତୀ ଯେନା, ସୁକାନ୍ତି ଯେନା, ତ୍ରିଲୋଚନ ମୁଦୁଲି, ଜ୍ଞାନେନ୍ଦ୍ର ମୁଦୁଲି, ଶ୍ୟାମାବନ୍ଧୁ ବାରିକ, ଉଷାମଣି ସାହୁ ଓ ତିଲୋତ୍ତମା ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିସହିତ ଉକ୍ତ ପାଣିନାଳକୁ ପୋତି ଘର କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

# ଶିକ୍ଷକ ନେତା, ସିଆର୍‌ସିସି ଅଟକ

## ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ମାଟ୍ରିକ ପରୀକ୍ଷାର୍ଥୀ

ଭୋଗରାଇ, ୨୦।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନୃସିଂହନାଥ ହାଇସ୍କୁଲର ୫୦ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ଦୂରତାକୁ ବିରୋଧ କରି ଦୁଇଦିନ ଧରି ଚଳାଇ ଆସୁଥିବା ଆନ୍ଦୋଳନକୁ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଶିକ୍ଷା ବିଭାଗର ପ୍ରତିଶ୍ରୁତି ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହେଲା ବୋଲି ମାଟ୍ରିକ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସୂଚନା ଦେଇଛନ୍ତି। ଫଳରେ ସ୍କୁଲର ଶୈକ୍ଷିକତା ବାତାବରଣ ଶାନ୍ତ ପଡ଼ିଛି।

ଶିକ୍ଷା ବିଭାଗ ଗାଇଡ଼ଲାଇନ୍ ଅନୁସାରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ୩ରୁ ୫ କି.ମି. ବ୍ୟବଧାନରେ ସ୍କୁଲର ଦୂରତା ହେବାର ନିର୍ଦ୍ଦେଶ ରହିଛି। ଏହି ସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀ ୨୨ କି.ମି. ଦୂରରେ ହୋଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକମାନେ ଶିକ୍ଷାବିଭାଗ, ବୋର୍ଡ଼ ଏବଂ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ମଧ୍ୟ ମାଟ୍ରିକ ପରୀକ୍ଷା କେନ୍ଦ୍ର ଦୂରତାକୁ ଉପଲବ୍ଧି କରି ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଉକ୍ତ ସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀ ସହିତ ଅଭିଭାବକମାନେ ଦୁଇଦିନ ଧରି ସ୍କୁଲ ବାରଣ୍ଡାରେ ଧାରଣା ଦେଇଥିଲେ। ସ୍ଥିତି ଜଟିଳ ହେବାକୁ ଯାଉଥିବା ବେଳେ ଓଷ୍ଟା ଶିକ୍ଷକ ସଂଘର ନେତା ନଟରଞ୍ଜନ ଘରାଇ, ପ୍ରଶାନ୍ତ କୁମାର ମହାନ୍ତି, ଶ୍ରୀନିବାସ ପ୍ରଧାନ ଓ ସିଆର୍‌ସିସି ରଞ୍ଜନ କୁମାର ଜେନା ବୁଧବାର ସେଠାକୁ ଯାଇଥିବା ବେଳେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସେମାନଙ୍କୁ ଘେରି ଯାଇ ୫ଘଣ୍ଟା ଅଟକ ରଖି ପରୀକ୍ଷା କେନ୍ଦ୍ର ବଦଳି ପାଇଁ ଅଡ଼ି ବସିଥିଲେ। ଦୀର୍ଘ ଘଣ୍ଟା ମଧ୍ୟରେ ଅଟକ ଥିବା ୪ ଶିକ୍ଷକ ବ୍ଲକଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ମତାମତ ଲୋଡ଼ିଥିଲେ। ଆସନ୍ତା ୨୨ ତାରିଖରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ସ୍ଥିର ହୋଇଥିବା ଦୃଷ୍ଟିରୁ ଅନ୍ୟତ୍ର ପରୀକ୍ଷା କେନ୍ଦ୍ର ହୋଇ ନ ପାରିବା ଶିକ୍ଷା ବିଭାଗ କହିବାରୁ ଅଭିଭାବକମାନେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଗସ୍ତ ଖର୍ଚ୍ଚ ପାଇଁ ଆର୍ଥିକ ଅନୁଦାନ ଦିଆଯାଉ ବୋଲି ଦାବି ରଖିଥିଲେ। ପରେ ଭୋଗରାଇ ବିଇଓ କାଳନ୍ଦୀ ସରେନ୍ ଏବଂ ଏବିଇଓ ମିହିର କୁମାର ପ୍ରଧାନ ସହଗୋଷ୍ଠୀକାରୀଙ୍କୁ ଆର୍ଥିକ ସାହାଯ୍ୟ ଦେବାର ପ୍ରତିଶ୍ରୁତି ପରେ ଅଟକ ଥିବା ୩ ଶିକ୍ଷକ ନେତା ଓ ସିଆର୍‌ସିସିଙ୍କୁ ଅଭିଭାବକ ମାନେ ଛାଡ଼ିଥିଲେ।

# ସେଲ୍‌ଫି କର୍ଣ୍ଣର



ମାନସ



ଜଗା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ରାସ୍ତା ମାପ ନେଇ ଅସନ୍ତୋଷ



ଖବରଦାତା ସମ୍ମିଳନୀରେ ଗ୍ରାମବାସୀ।

ବାଲେଶ୍ୱର ଅଫିସ, ୨୦।୨

ବାଲେଶ୍ୱର ପୌରାଞ୍ଚଳ ଅଞ୍ଚଳର ଗଡ଼ଗଡ଼ିଆ ଛକରୁ ପୁରୁଣା ବାଲେଶ୍ୱର କଇଁଚମାଳିଆ ମଠ ଭାୟା ମ୍ୟୁନିସିପାଲିଟି ଛକ ରାସ୍ତାର ଉନ୍ନତୀକରଣ ନିମନ୍ତେ ୮୯୨.୩୪ଲକ୍ଷ ଟଙ୍କା ଅଟକଳ କରାଯାଇଛି। ଗତ ଜାନୁୟାରୀ ୨୨ ତାରିଖରେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ବିଧାୟକ ଜୀବନ ପ୍ରଦୀପ ଦାଶ ମିଳିତ ଶିଳାନ୍ୟାସ କରିଥିଲେ। ପୂର୍ତ୍ତବିଭାଗ ଦ୍ୱାରା କାର୍ଯ୍ୟ କରାଯିବାର ନିର୍ଦ୍ଦେଶ ରହିଛି। ଗୋଳାପୋଖରୀଠାରୁ ପୁରୁଣା ବାଲେଶ୍ୱରର ମୁଖ୍ୟ ରାସ୍ତା ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ମାପ କରାଯାଇଥିଲା। ଜନସାଧାରଣଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବା ଦର୍ଶାଇ ଏବଂ ରାସ୍ତାର ଉନ୍ନତିକରଣ ପାଇଁ ରାସ୍ତା ଉପରେ ୫୦ରୁ ଊର୍ଦ୍ଧ୍ୱ ଘର କରି ରହିଥିବା ଲୋକମାନଙ୍କୁ ଉଠିଯିବା ପାଇଁ ଗତ ଫେବୃୟାରୀ ୧୧ତାରିଖରେ ନୋଟିସ୍ ଜାରି କରିଛନ୍ତି। ଫେବୃୟାରୀ ୨୦ ତାରିଖ ସୁଦ୍ଧା ବେଆଇନ ଅବରୋଧକୁ ଭାଙ୍ଗି ଉକ୍ତ ସ୍ଥାନରେ ପୂର୍ବବସ୍ଥା ଫେରାଇ ଆଣିବାକୁ ନୋଟିସ୍‌ରେ କୁହାଯାଇଛି। ଏହାକୁ ବିରୋଧ କରି ପୌରାଞ୍ଚଳ ବେଆଇନ ନୋଟିସ୍ ଜାରି କରିବା ସହ ଦୀର୍ଘଦିନ ଧରି ପଟ୍ଟା, ପାଉତି ଥିବା ଜମିକୁ ଉଚ୍ଛେଦ କରାଯାଉଥିବା ଅଭିଯୋଗରେ ଏମ୍‌ପି, ବିଧାୟକ ଏବଂ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବୁଧବାର ଗ୍ରାମବାସୀ ଏକ ଖବରଦାତା ସମ୍ମିଳନୀ ଡାକି ପୌରାଞ୍ଚଳ ଦ୍ୱାରା ମପାଯାଇଥିବା ଭୁଲ୍ ଦର୍ଶାଇଥିଲେ। ସେମାନେ କୌଣସି ସ୍ଥିତିକୁ ନ ବୁଝି ଏକଚାଟିଆ ଭାବେ କାର୍ଯ୍ୟ କରିଛନ୍ତି। ପୁଣି ଥରେ ହାଲ୍ ନକ୍ସା ଅନୁଯାୟୀ କମିଶନଙ୍କ ଅମିନ, ପୌରାଞ୍ଚଳ ଅମିନ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଅନୁମୋଦିତ ଅମିନଙ୍କୁ ଏକାଠି କରି ମିଳିତ ମାପ କରିବା ପାଇଁ ଦାବି କରିଛନ୍ତି। ଏହା ନ ହେଲେ ୫୦ରୁ ଊର୍ଦ୍ଧ୍ୱ ପରିବାର ଘରଦ୍ୱାର ହରାଇ ନାନାଦି ଅସୁବିଧାର ସମ୍ମୁଖୀନ ହେବାର ମନାଓିର ଅଲ୍ଲି ଖାଁ, ଅବଦୁଲ ଅଜିଜ, ଗୋଲାମ ଖାଁ, ଅବଦୁଲ ଇମରାନ୍ ଖାଁ, ଅର୍ଫାନ ଖାଁ, ନାସିର ଖାଁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ରୂପ୍‌ସା, ୨୦।୨ (ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଓଡ଼ଙ୍ଗୀ ପଞ୍ଚାୟତ ନରସିଂହପୁର ଗ୍ରାମର ଜଣେ ଯୁବକ କୃପାସିନ୍ଧୁ ମହାପାତ୍ର ବୁଧବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ସେ ବିଷ ପିଇ ଦେଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

# ରାଜପଥରେ ଗର୍ଜିଲେ ମହିଳା ଗୋଷ୍ଠୀ



ଥାନା ସମ୍ମୁଖରେ ମହିଳା ଗୋଷ୍ଠୀଙ୍କ ବିକ୍ଷୋଭ।

ଖଇରା, ୨୦।୨(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଭାଜପା ନେତା ପଦ୍ମଲୋଚନ ପଣ୍ଡା ଏକ ପ୍ରେସ ମିଟରେ କଲେଜ ଛାତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ବୁଧବାର ବିଭିନ୍ନ ମହିଳା ଗୋଷ୍ଠୀ ପକ୍ଷରୁ ସୋର-କୁପାରୀ ରାସ୍ତାକୁ ଅବରୋଧ କରାଯିବା ସହ ଖଇରା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପହଞ୍ଚି ୭ଦିନ ମଧ୍ୟରେ ଭିଡିଓ ଫୁଟେଜ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ମହିଳା ଗୋଷ୍ଠୀଙ୍କ ଅଭିଯୋଗ ଅନୁଯାୟୀ, ଖଇରା ନଟାପଡା ଛକ ନିକଟରେ ଥିବା ଏକ ମହିଳା ମେସରେ ଅନ୍ତେବାସିନୀ ଭାବେ ରହୁଥିବା କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଗତ ୧୨ତାରିଖରେ ପୂର୍ବତନ ମନ୍ତ୍ରୀଙ୍କ ପକ୍ଷରୁ ଆହୁତ ଖବରଦାତା ସମ୍ମିଳନୀରେ ଅଭିଯୋଗକାରୀ ଛାତ୍ରୀମାନଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଥିଲା। ଏହି ଛାତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଥିଲେ। ବିକ୍ଷୋଭ ସମୟରେ ଯାନବାହନ ଉଭୟ ପାର୍ଶ୍ୱରେ ଅଟକି ରହିବା ସହ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ଦ୍ୱାରା ଡକାଯାଇଥିବା ୨୨ତାରିଖର ଗଣଧାରଣାକୁ ଭଣ୍ଡୁର କରିବାକୁ ଏଭଳି ବିକ୍ଷୋଭ ନେତୃବୃନ୍ଦଙ୍କର ପ୍ରାୟୋଜିତ ବୋଲି ସେ କହିଛନ୍ତି ।

# ଜାତୀୟ ମୁକ୍ତଶିକ୍ଷା ପ୍ରଶିକ୍ଷଣ ଶିବିର

ରୂପ୍‌ସା, ୨୦।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ୨ବର୍ଷ ଧରି ଆୟୋଜିତ ଜାତୀୟମୁକ୍ତ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ୯୫ଜଣ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଲାଭ କରିଥିଲେ। ମୁଖ୍ୟ ସଂଯୋଜକ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସୁଧିର କୁମାର ଦତ୍ତ, ସହ ସଂଯୋଜକ ଅଧ୍ୟାପକ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶିବିରାର୍ଥୀମାନେ ତାଲିମପ୍ରାପ୍ତ ନିମନ୍ତେ ଶିକ୍ଷାଲାଭ କରିଥିଲେ। ପ୍ରଶିକ୍ଷକ ଭାବେ କୁଆମରା ସାରସ୍ୱତ ମହାବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ବାରିପଦା ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟାପିକା ସୁଚିସ୍ମିତା ରଣା, ନୀଳମଣି କଲେଜର ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ପ୍ରାଧ୍ୟାପକ କାଳିଚରଣ ଲେଙ୍କା ପ୍ରମୁଖ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଉଦ୍ଦିଷ୍ଟ ପାଠ୍ୟକ୍ରମ ସମ୍ପର୍କରେ ତାଲିମ ଦେଇଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ କରି ଜାତୀୟମୁକ୍ତ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଆରୁଣୀ ମିଶ୍ର ଓ ଅଧ୍ୟାପିକା ପିନାକୀ ପଣ୍ଡା ପ୍ରମୁଖ ଶିବିର ପରିଦର୍ଶନରେ ଆସିଥିଲେ।

### ଅମୃତବାଣୀ ବାଳ ମହୋତ୍ସବ

ରେମୁଣା, ୨୦।୨ (ଡି.ଏନ.ଏ.): ନୀଳଗିରି ସାରୁପାଳସ୍ଥିତ ଅମୃତବିହାର ପରିସରରେ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଅମୃତବାଣୀ ବାଳ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. କୁମାର ମିଶ୍ର ଉପସ୍ଥିତ ରହି ସଂସ୍କୃତର ପ୍ରଚାରପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମପୁର କୃଷ୍ଣ ପ୍ରସାଦ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶଶିକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଜଣେ ଶିକ୍ଷକ, ସଙ୍ଗଠକ, ଗବେଷକ ଓ ଛାତ୍ର ବତ୍ସଳ ଓ ମିଷ୍ଟଭାଷୀ ଥିଲେ।

# ପିଠା କାର୍ଯ୍ୟକ୍ରମରେ ୨ କର୍ମଚାରୀଙ୍କୁ ଅଟକ

ବାହାନଗା, ୨୦।୨(ଡି.ଏନ.ଏ.)

ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟସରକାରଙ୍କ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏଥିରେ ବିଭିନ୍ନ ଅନିୟମିତତା ସହ କୌଣସି ବିଭାଗର ଅଧିକାରୀ ନ ଆସିବାରୁ ଲୋକମାନେ ବିଭିନ୍ନ ଯୋଜନା ବିଷୟରେ ଅବଗତ ହୋଇପାରି ନ ଥିଲେ। ଫଳରେ ଲୋକେ ଉତ୍ତ୍ୟକ୍ତ ହୋଇ ଉପସ୍ଥିତ ଥିବା ଦୁଇ ଅଧିକାରୀ ନୋଡ଼ାଲ ଅଫିସର ଓ ଭିଏଲଡବ୍ଲ୍ୟୁଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ରଖି ତାଲା ପକାଇ ଅଟକ ରଖିଛନ୍ତି ।

ସରକାରୀ ନିୟମ ଅନୁସାରେ ପିଠା କାର୍ଯ୍ୟକ୍ରମ ଦିନ ୧୧ଟାରେ ହେବାର ଥିଲା। ମାତ୍ର ତାହା ୧୨ଟାରେ ଆରମ୍ଭ ହୋଇଥିଲା। ଏଥିରେ ସରାକରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକମାନେ ଅଧିକାରୀମାନଙ୍କୁ ପଚାରି ବୁଝିବା ସହିତ ସେହିଠାରେ ତାହା ସମାଧାନ କରାଯାଇଥାଏ। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ତାହା ଆରମ୍ଭ ନ ହୋଇ ବିଳମ୍ବରେ ଆରମ୍ଭ ହୋଇଥିଲେ ମଧ୍ୟ ୧ଘଣ୍ଟା ପରେ ତାହା ସରିଯାଇଥିଲା। କୌଣସି ଅଧିକାରୀ ଆସି ନ ଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରି ପଚରାଉଚରା କରିଥିଲେ ମଧ୍ୟ ୨ଜଣ ଅଧିକାରୀ କିଛି ଉତ୍ତର ଦେଇ ପାରି ନ ଥିଲେ। ଫଳରେ ପଞ୍ଚାୟତର ଭିଏଲଡବ୍ଲ୍ୟୁ ଦୟାନିଧି କର ଓ ନୋଡ଼ାଲ ଅଫିସର ବିଜୟ ପରମାଣିକଙ୍କୁ ଲୋକେ ପଞ୍ଚାୟତ ଘର ଭିତରେ ତାଲା ପକାଇ ରଖିଥିଲେ। ଅପରାହ୍ନରେ ଅନନ୍ତପୁର ଫାଣ୍ଡି ପୋଲିସ ଆସିଥିଲେ ମଧ୍ୟ ଲୋକମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଗୌରିମଣୀ ଜେନା, ସମିତିସଭ୍ୟ ବିଜୟ କୁମାର ଜେନା ମଧ୍ୟ ଉପସ୍ଥିତ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଅଟକ ଥିବା ଦୁଇ ଅଧିକାରୀଙ୍କୁ ଲୋକମାନେ ଛାଡ଼ି ନ ଥିଲେ। ଏ ସମ୍ପର୍କରେ ନୋଡାଲ ଅଫିସର ବିଜୟ ପରମାଣିକ କହିଛନ୍ତି ଯେ, ଆମେ କାହାକୁ ନିମନ୍ତ୍ରଣ କରୁନାହୁଁ। ଜିଲା ପ୍ରଶାସନ ବିଭିନ୍ନ ବିଭାଗକୁ ପିଠା ପୋଗ୍ରାମକୁ ଆସିବା ପାଇଁ ଚିଠି କରିଥାଏ। ସେ ବାବଦରେ କିଏ ଆସିବ ନ ଆସିବ ସମ୍ପୃକ୍ତ ବିଭାଗ ତରଫରୁ ସ୍ଥିର କରିଆସିଥାନ୍ତି। ଆମର କିଛି ଭୁଲ୍ ନାହିଁ।



ଲୋକେ ଦୁଇ କର୍ମଚାରୀଙ୍କୁ ତାଲା ପକାଇ ରଖିଛନ୍ତି।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବସ୍ତା, ୨୦।୨(ସ୍ୱ.ପ୍ର.)

ବସ୍ତା ବ୍ଲକ ନାବରାସ୍ଥିତ ମହିଳା ମହାବିଦ୍ୟାଳୟରେ ବୁଧବାର କଲେଜ ଛାତ୍ରୀମାନଙ୍କୁ ନେଇ ପୁଲୱାମାରେ ଶହୀଦ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସହ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀ ଏବଂ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ବିଶାଳ ଶୋଭାଯାତ୍ରାରେ ନାବରା ଗ୍ରାମ ପରିକ୍ରମା କରିବା ସହ ଶହୀଦ ଯବାନ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ୍ ନାରାବାଜିଦେଇଥିଲେ। ନାବରା ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ସରପଞ୍ଚ ଶାନ୍ତିପ୍ରିୟା ମଙ୍ଗଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳୀ ଗିରି, ଲକ୍ଷ୍ମୀକାନ୍ତ ନାୟକ, ଦେବେନ୍ଦ୍ର ଦାସ, ଉମା ଶଙ୍କର ପ୍ରଧାନ ଓ ଅଲିଭା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଲୋକାର୍ପିତ

ଖଇରା, ୨୦।୨ (ଡି.ଏନ.ଏ.): ଖଇରା ବଜାରର ବିଭିନ୍ନ ଛକରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ପାଣ୍ଠିରୁ ୮୦ହଜାର ଟଙ୍କା ବ୍ୟୟ କରାଯାଇ ବଜାରର ବ୍ଲକ, ୟୁକୋ ବ୍ୟାଙ୍କ,ପୋଷ୍ଟ ଅଫିସ ଓ ନଟାପଡା ଛକରେ ଏହି ଆଲୋକ ବ୍ୟବସ୍ଥା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି। ସେହିଭଳି ଖଇରା ବ୍ଲକର ବିଦ୍ୟୁତ୍ ବଣ୍ଟନକାରୀ କମ୍ପାନୀ ଆକାଂକ୍ଷା ତରଫରୁ ତୋରାଣିପଦା, ମେଡିକାଲ ଓ କଲେଜ ଛକରେ ସ୍ୱର୍ଗତ ପ୍ରସନ୍ନା ମହାପାତ୍ରଙ୍କ ସ୍ମୃତିରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ମଧ୍ୟ ବିଧାୟକ ଉଦ୍‌ଘାଟନ କରିଛନ୍ତି ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ତିହିଡ଼ି, ୨୦।୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣଙ୍କ ୬ଷ୍ଠ ଶ୍ରେଣୀ ଛାତ୍ରୀ। ନରେନ୍ଦ୍ରପୁର ଗ୍ରାମର ଚୁଣ୍ଟିଆ ମଲିକ ନାମକ ଜଣେ ଯୁବକ ମଙ୍ଗଳବାର ରାତିରେ ଛାତ୍ରୀଙ୍କୁ ବଳାତ୍କାର କରିଥିବା ତିହିଡ଼ି ଥାନାରେ ବୁଧବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୮୩/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଛାତ୍ରୀ ଜଣଙ୍କ ରାତିରେ ଅଗି ଜାଳି ଘରକୁ ଫେରୁଥିବା ବେଳେ ଚୁଣ୍ଟିଆ ତାଙ୍କୁ ନିକଟସ୍ଥ ବିଲକୁ ନେଇଯାଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### କୋଇଲା ଜବତ: ଜଣେ ଗିରଫ

**ତିହିଡ଼ି, ୨୦।୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାରହାଟ କାନପୁର ନିକଟରୁ ୧୪ ବସ୍ତା କୋଇଲା ବୁଧବାର ସ୍ଥାନୀୟ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୮୧/୧୯) ରୁଜୁ କରି କାନପୁର ଗ୍ରାମର କାଳନ୍ଦୀ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କାଳନ୍ଦୀ ଏକ ମୋଟରଚାଳିତ ଟ୍ରଲିରେ କୋଇଲା ନେଇ ଯାଉଥିବା ବେଳେ ପୋଲିସ ଧରିଥିଲା ବୋଲି ସୂଚନା ମିଳିଛି।

### ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ଭଦ୍ରକ ଅଫିସ, ୨୦।୨:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବରୋଳି ସଦାବର୍ତ୍ତ ମେଡିକାଲ ଛକଠାରେ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଆମ୍ବରୋଳି ପଞ୍ଚାୟତ ପାଢ଼ୀସାହିର ପୁନିଆ ପାଢ଼ୀ ବୋଲି ଜଣାପଡ଼ିଛି। ସେ ବୁଧବାର ଅପରାହ୍ନରେ ସାଇକେଲରେ ଘରକୁ ଯାଉଥିବା ବେଳେ ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା। ମୁଣ୍ଡରେ ଶକ୍ତ ଆଘାତ କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ସାଇବର ଅପରାଧ ଆଇନ ସଚେତନତା

**ବାସୁଦେବପୁର, ୨୦।୨ (ଡି.ଏନ.ଏ.):** ବାସୁଦେବପୁର ଜେଏମ୍‌ଏଫ୍‌ସିଙ୍କ ପକ୍ଷରୁ ତାଲୁକ ଆଇନସେବା ପ୍ରାଧିକରଣ ସଂସ୍ଥା ଦ୍ୱାରା ବାରାପୁର ଏସ୍.ଏମ୍ ମହାବିଦ୍ୟାଳୟଠାରେ ସାଇବର ଅପରାଧ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଦେୱାନୀ ଅଦାଲତର ବରିଷ୍ଠ ବିଚାରପତି ଡା. କିରଣ କୁମାର ପ୍ରଧାନ ଓ କନିଷ୍ଠ ବିଚାରପତି ସ୍ନିଗ୍ଧା ପଣ୍ଡା ଯୋଗଦେଇ ସାଇବର ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରିବା ସହ ଆଇନଗତ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ତାଲୁକ ଆଇନସେବା ପ୍ରାଧିକରଣର ସଦସ୍ୟ ଆଇନଜୀବୀ ଗୋବର୍ଦ୍ଧନ ବଳ, ସ୍ମୃତିରଞ୍ଜନ ପାଳିତ, ଓକିଲ ସଂଘ ସଭାପତି ନାରାୟଣ ନାୟକ, ସୌକତ ଅଲ୍ଲା ଖାଁଙ୍କ ସମେତ ମହାବିଦ୍ୟାଳୟ ଅଧକ୍ଷ ଶରତ କୁମାର ପଣ୍ଡା, ଚୂଡ଼ାମଣି ସାମୁଦ୍ରିକ ଥାନାଧିକାରୀ ମହମ୍ମଦ ହାଫିଜ, ନାୟକାଣିଡିହୀ ଥାନା ଏସ୍‌ଆଇ ଏନ୍. କେ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

### ବିଦାୟ ସମ୍ବର୍ଦ୍ଧନା



**ଆରଡ଼ି, ୨୦।୨ (ଡି.ଏନ.ଏ.):** ଧାମନଗର ବ୍ଲକ ବାଙ୍କସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ନଟବର ନାୟକ ଓ ଧୀରେନ୍ଦ୍ର ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳଙ୍କ ଅଧକ୍ଷତା ଓ ଶିକ୍ଷକ ସତ୍ୟସୁନ୍ଦର ପରିଡ଼ାଙ୍କ ସଂଯୋଜନାରେ ସଭା ହୋଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, କମଳକାନ୍ତ ନାୟକ, ସାମାଜିକ କର୍ମୀ ପ୍ରଶାନ୍ତ ନାୟକ, ସମିତିସଭ୍ୟ ଭାଗବତ ଖଟୁଆ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଭାରତୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା।

# ସାଇକେଲ ଯାତ୍ରାରେ ବାହାରିଲେ ବିଭୂତି

- ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ସହ ଲୋକଙ୍କୁ କରିବେ ସଚେତନ
- ୨୧ ଦିନ ମଧ୍ୟରେ ୨୯୦୦ କି.ମି.ର ଯାତ୍ରା

**ଭଦ୍ରକ ଅଫିସ, ୨୦।୨**

ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତମାଖୁ ବର୍ଜନ, ତୈଳ ଅପବ୍ୟୟ ରୋକିବା ଓ ବୃକ୍ଷରୋପଣ ଆଦି ସଚେତନତା ସୃଷ୍ଟି ପାଇଁ ସାଇକେଲରେ କନ୍ୟାକୁମାରୀ ଅଭିମୁଖେ ଯାତ୍ରାରେ ବାହାରିଛନ୍ତି ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର କେଶରପୁର ଗାଁର ବିଭୂତି ଭୂଷଣ ପଣ୍ଡା। ବୁଧବାର ଭଦ୍ରକ ସହର କୁଆଁସସ୍ଥିତ ଗଣେଶ ମନ୍ଦିର ନିକଟରୁ ସ୍ୱତନ୍ତ୍ର ପୂଜାପାଠ କରି କନ୍ୟାକୁମାରୀ ଅଭିମୁଖେ ସେ ଯାତ୍ରା ଆରମ୍ଭ କରିଛନ୍ତି। ଭଗତ ସେନା ସଂଗଠନ ମୁଖ୍ୟ ସୀତାଂଶୁ ମହାପାତ୍ର, ଡିଏସ୍‌ପି ବିକାଶ ରଞ୍ଜନ ଦାସ, ସାମାଜିକ କର୍ମୀ ଶେଖର ମହାପାତ୍ର, ପଦ୍ମଲାଭ ପଣ୍ଡାଙ୍କ ସମେତ ସଂଗଠନର ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହି ବିଭୂତିଙ୍କୁ ଉତ୍ସାହିତ କରିଥିଲେ।



କନ୍ୟାକୁମାରୀ ଅଭିମୁଖେ ବିଭୂତିଙ୍କ ଯାତ୍ରା ଆରମ୍ଭ ବେଳେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ।

ବିଭୂତି ଭଦ୍ରକରୁ ବାହାରି ଭୁବନେଶ୍ୱର, ବ୍ରହ୍ମପୁର, ଶ୍ରୀକାକୁଲମ, ବିଜୟନଗରମ୍, ବିଜୟୱାଡ଼ା, ଚେନ୍ନାଇ, ରାମେଶ୍ୱରମ, ସଲାମ ଦେଇ ବାଙ୍ଗାଲୋରରେ ପହଞ୍ଚିବେ। ସେ ମୋଟ ୨୧ ଦିନ ମଧ୍ୟରେ ୨୯୦୦ କି.ମି. ଯାତ୍ରା କରିବେ ବୋଲି ଆଶା ରଖିଛନ୍ତି। ମୁଖ୍ୟତଃ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଧୂମପାନ ଓ ନିଶାଦ୍ରବ୍ୟଠାରୁ ଯୁବପିଢ଼ିଙ୍କୁ ଦୂରେଇ ରଖିବା, ପରିବେଶ ସୁରକ୍ଷା, କ୍ୟାନ୍‌ସର ଭଳି ଦୁରାରୋଗ୍ୟଠାରୁ ଦୂରେଇ ରହିବା ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦେବେ। ରାସ୍ତାରେ ଯାଉଥିବା ଲୋକ, ରାସ୍ତାପାର୍ଶ୍ୱ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଏବଂ ରାତ୍ରିକାଳୀନ ସମୟରେ ଆଖପାଖ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଏହି ଯାତ୍ରା କରୁଥିବା ସେ ପ୍ରତିକ୍ରିୟା ରଖିଛନ୍ତି। ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ଦାସ, ଭଗତସେନାର କର୍ମକର୍ତ୍ତା ଓ ବହୁ କ୍ରୀଡ଼ା ସଂଗଠନ ସଦସ୍ୟଙ୍କ ସହ ସହରବାସୀ ବିଭୂତିଙ୍କ ଯାତ୍ରାର ସଫଳତା କାମନା କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟା ବାଡ଼ରେ ବେତ**
**ମଣିଷ ହୋଇଥିଲେ ଚେତ ।**

ଯିଏ ଭଲ ମଣିଷ ତାଙ୍କୁ ଥରେ କହିଦେଲେ ସଜାଗ ହୋଇଯାନ୍ତି ବା ଚେତି ଉଠନ୍ତି। ନିଜଆତ୍ମସମ୍ମାନ ଓ ସ୍ୱାଭିମାନକୁ ଏପରି ବ୍ୟକ୍ତି କେବେହେଲେ ତଳେ ପକାଇବାକୁ ଚାହିଁ ନ ଥାନ୍ତି। କାଳେ କିଏ ଖରାପ କରି କହିଦେବ ସେନେଇ ନିଜ କାର୍ଯ୍ୟକଳାପ ପ୍ରତି ସଦା ସଚେତନ ରହିଥାନ୍ତି। ବିବେକୀ ଓ ସୁଜ୍ଞାନୀ ବ୍ୟକ୍ତିଙ୍କୁ ପଦେ କହିଦେଲେ ସେ ତା'ର ମର୍ମ ବୁଝି କାମ କରିବା ଓ ସତର୍କ ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହିଁ ରାଣୀ କାହିଁ ଚନ୍ଦରକାଣୀ**
**କାହିଁ ହୀରା କାହିଁ ବାଉଁଶ କଣି ।**

ରାଣୀ ସର୍ବାଙ୍ଗ ସୁନ୍ଦରୀ, ସତେ ଯେମିତି ଗୋଟିଏ ଚାଉଳରେ ଗଢ଼ା ହୋଇଥାଏ ତାଙ୍କ ଶରୀର। ପରନ୍ତୁ ଚନ୍ଦ୍ରକାଣୀ ଦେଖିବାକୁ ସାମାନ୍ୟ ଟେରୀ। ରାଣୀଙ୍କର ଅପୂର୍ବ ରୂପ ଲାବଣ୍ୟ ଆଗରେ ଚନ୍ଦ୍ରକାଣୀ ଫିକା ପଡ଼ିଯିବା ସ୍ୱାଭାବିକ। ସେହିପରି ହୀରା ପରି ମୂଲ୍ୟବାନ ବସ୍ତୁ ଆଗରେ ବାଉଁଶ କଣି ଅତି ତୁଚ୍ଛ। ଅତି ବଡ଼ ସହିତ ଅତି ସାନର ତୁଳନା ଅମୂଳକ ଓ ଅଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କାର୍ଯ୍ୟକ୍ରମକୁ ନେଇ ବିବାଦ

**ଚାନ୍ଦବାଲି, ୨୦।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତରେ ବୁଧବାର ଗୋଟିଏ ଦିନରେ ୨ଟି କାର୍ଯ୍ୟକ୍ରମକୁ ନେଇ ବିବାଦ ଦେଖାଦେଇଛି। ଖେରଙ୍ଗ ବଜାର ନିକଟ ପଡ଼ିଆରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ମାତ୍ର ୫୦ ଫୁଟ ଦୂରରେ ଅନ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିରୋଧ କରାଯାଇଥିଲା। ସଭା ଆରମ୍ଭରେ ବିଜେଡିର ଦୁଇଗୋଷ୍ଠୀର ସମର୍ଥକ ଯୁକ୍ତିତର୍କ କରିବା ସହ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିବା ବେଳେ ମତୋ ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଆୟୋଜିତ ପିଠା କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରତାପ ଧଳ ନିଜର ସମର୍ଥକଙ୍କ ସହ ଯୋଗଦେବାକୁ ନେଇ ଚର୍ଚ୍ଚା ହେଉଛି। ତାଙ୍କ ସମର୍ଥକମାନେ ନଳଗୋହିରା, ମତୋ, ଚାନ୍ଦବାଲି, ଜଳେଶ୍ୱରପୁର, ଯଶିପୁର ଆଦି ଅଞ୍ଚଳରୁ ବାଇକ୍ ଶୋଭାଯାତ୍ରାରେ ଆସି ଖେରଙ୍ଗରେ ପହଞ୍ଚିଥିଲେ। ସରପଞ୍ଚ ସଞ୍ଜୁଲତା ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ସମିତିସଭ୍ୟା ସଞ୍ଜୁ ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ଧଳ, ଛାତ୍ରନେତା ଲାଲାଲଳିତ ନାୟକ, କଂଗ୍ରେସ ନେତା ସନାତନ ନାୟକ, ପିଇଓ ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ମତ ରଖିଥିଲେ। ପରେ ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ଓ ଏଲ୍‌ଇଡି ବଲ୍ ବଣ୍ଟନ କରାଯାଇଥିଲା। ଏହା ନିକଟରେ ଅନୁଷ୍ଠିତ ଅନ୍ୟ ଏକ ସଭାରେ ଜିତେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ରାଉତ, ବାଇଧର ନାୟକ, ନରେନ୍ଦ୍ର ମିଶ୍ର, ବିଜୟ ମାଝି ପ୍ରମୁଖ ଯୋଗ ଦେଇଥିଲେ।



ପିଠା କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରତାପ ଧଳ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ପିଠା କାର୍ଯ୍ୟକ୍ରମରେ ଭଙ୍ଗାରୁଜା

**ଭଦ୍ରକ ଅଫିସ, ୨୦।୨**

ଭଦ୍ରକ ପୌରପାଳିକାର ୧୯ ନମ୍ବର ୱାର୍ଡ ନଙ୍ଗାମହଲା ଟ୍ରେନିଂସ୍କୁଲ ପଡ଼ିଆରେ ବୁଧବାର ପିଠା କାର୍ଯ୍ୟକ୍ରମ ବେଳେ ଉତ୍ତେଜନା ଦେଖାଦେଇଥିଲା। ପୂର୍ବରୁ ଏଲ୍‌ଇଡି ବଲ୍‌ବ ବଣ୍ଟନ କରାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପୌରପାଳିକା କିମ୍ବା ବିଦ୍ୟୁତ୍ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମକୁ ନ ଯିବାରୁ ଉତ୍ତ୍ୟକ୍ତ ଲୋକେ ଚେୟାର ଟେବୁଲ ଭଙ୍ଗାରୁଜା କରିବା ସହ ଟେଣ୍ଟ ଉପାଡ଼ି ଦେଇଥିଲେ। ଫଳରେ ପିଠା କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଘଟଣାସ୍ଥଳରେ ପୁରୁଣାବଜାର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୌରପାଳିକା ଓ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଇଛି।

## 'ଲକ୍ଷ୍ୟସ୍ଥଳରେ ପହଞ୍ଚାଏ ପରିଶ୍ରମ'

**ବନ୍ତ, ୨୦।୨ (ଡି.ଏନ.ଏ.)**

ଦୃଢ଼ ମନୋବଳ ଓ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ଦୋଳପଦିସ୍ଥିତ ଆନନ୍ଦରାମ ପାଟୋଡିଆ ହାଇସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱରଞ୍ଜନ ଦାଶ ପୌରୋହିତ୍ୟ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଓ ଓଷ୍ଟାର ବ୍ଲକ ସମ୍ପାଦକ ଶଶିଶେଖର କରଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ଶିକ୍ଷକ ମନମୋହନ ଆଚାର୍ଯ୍ୟ, ନିଲୋକ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୋଭେନ୍ଦ୍ର କୁମାର ମାଝି, ପୂର୍ବତନ କର୍ମଚାରୀ ନାରାୟଣ ଚନ୍ଦ୍ର ସାହୁ, ପରିଚାଳନା କମିଟି ଅଧ୍ୟକ୍ଷ ହୃଷୀକେଶ ସାହୁ, ୱାର୍ଡସଭ୍ୟ ଦୀନବନ୍ଧୁ ସାହୁ, ଶିକ୍ଷକ ଗଙ୍ଗାଧର ସେନାପତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ନାରାୟଣ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ କର୍ମଚାରୀ ସଚ୍ଚିକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ମହେଶ୍ୱର ବାରିକ, ଶିକ୍ଷୟିତ୍ରୀ ସୁକାନ୍ତି ସେଠୀ ଓ ପଦ୍ମିନୀ ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରାଧାମାଧବ ବାରିକ, ଜନ୍ମେଜୟ ନାୟକ, ପ୍ରଦୀପ କୁମାର ରାଉତ, ନରେଶ କୁମାର ସାମଲ, ଶିକ୍ଷୟିତ୍ରୀ ସଞ୍ଜୁଲତା ଯେନା, କର୍ମଚାରୀ ଶରତ ଯେନା ଓ ମାୟାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ଧୁମିଳନ ସଭାରେ ଗର୍ଜିଲା କଂଗ୍ରେସ


ବନ୍ଧୁମିଳନ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀ।

**ପଦ୍ମପୁର, ୨୦।୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁରଠାରେ କଂଗ୍ରେସର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଂଗ୍ରେସ ନେତୃବୃନ୍ଦ ବିଜେଡି ବିରୋଧରେ ଗର୍ଜିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ୩୦ ବର୍ଷ ମଧ୍ୟରେ ୩୦ ଡିସିମିଲ ଜମିକୁ ଜଳସେଚନ ବ୍ୟବସ୍ଥା କରାଇପାରି ନ ଥିବା ସେମାନେ ଅଭିଯୋଗ କରିଥିଲେ। ବିଗତ ଦିନରେ କୃଷକଙ୍କୁ ଅବହେଳା ସହ ଧାନର ଅଭାବୀ ବିକ୍ରିକୁ ନେଇ ସେମାନେ ସମାଲୋଚନା କରିବା ସହ ଆଗାମୀ ନିର୍ବାଚନରେ ପରିବାରବାଦ ଶାସନକୁ କଂଗ୍ରେସ ପ୍ରତିହତ କରିବ ବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ପାଢ଼ୀ, ୨୧ ନମ୍ବର ଜୋନ୍‌ର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ପୂର୍ବତନ ସରପଞ୍ଚ ଖଗେନ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ ଓ ନାଏବ ସରପଞ୍ଚ ନାରାୟଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ମଣ୍ଡିରୁ ଉଠିପାରୁନି ଧାନ

**ବନ୍ତ, ୨୦।୨ (ସ୍ୱ.ପ୍ର.)**

ଚାଷୀଙ୍କ ଧାନ ସରିବା ଯାଏ ମଣ୍ଡିରେ ଧାନକିଣା ଚାଲିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପଟେ ଟାର୍ଗେଟ୍ ନ ଥିବାରୁ ମଣ୍ଡିରୁ ଧାନବସ୍ତା ଉଠି ନ ପାରି ପଡ଼ିରହିଛି। ବୁଲା ଗୋରୁଙ୍କ ଆହର ପାଲଟିଛି ଚାଷୀଙ୍କ ଧାନ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ବନ୍ତ ବ୍ଲକର ପୁରୁଷଣ୍ଡ ସମିତିରେ ଚଳିତବର୍ଷ ୧୧୭୫ ଚାଷୀଙ୍କର ୭୧ ହଜାର ୭ ଶହ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଅନ୍‌ଲାଇନ ପଞ୍ଜୀକୃତ ହୋଇଛି। ପଦ୍ମନାଭ ରାଇସ୍ ମିଲ୍‌କୁ ୯୫୦୦ କୁଇଣ୍ଟାଲ, ପିପି ମିଲ୍‌କୁ ୯ ହଜାର, ହରେକୃଷ୍ଣ ରାଇସ୍ ମିଲ୍‌କୁ ୨ ହଜାର, ଆଶୀର୍ବାଦ ରାଇସ୍ ମିଲକୁ ୨୫୦୦, ସମ୍ବଲପୁର ବାଲାଜୀ ରାଇସ୍ ମିଲ୍‌କୁ ୨ ହଜାର ଓ ଗାର୍ଗୀ ରାଇସ୍ ମିଲ୍‌କୁ ୨୦୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଦିଆଯାଇଥିଲା। ଏବେ ଟାର୍ଗେଟ ଅଭାବରୁ ଧାନ ପଡ଼ିରହିଥିବା ବେଳେ କିଣିବା ପାଇଁ ଚାଷୀ ମହଲରୁ ଚାପ ପକାଯାଉଥିବା ସମିତି ସମ୍ପାଦକ ପ୍ରକାଶ କରିଛନ୍ତି। ସେହିପରି ସରମରା ସମିତିରେ ୫୧୬ ଚାଷୀଙ୍କ ୨୮ହଜାର କୁଇଣ୍ଟାଲ ଧାନ ଅନଲାଇନ ପଞ୍ଜୀକୃତ ହୋଇଛି। ଜେଏମ୍‌ବିକୁ ୯୧୦୦ କୁଇଣ୍ଟାଲ, ଉମାପତି ରାଇସ୍ ମିଲ୍‌କୁ ୫୪୦୦, ହରେକୃଷ୍ଣ ରାଇସ୍ ମିଲ୍‌କୁ ୧୫୦୦ ଓ ସମ୍ବଲପୁରର ଶ୍ରୀଗଣେଶ ରାଇସ୍ ମିଲ୍‌କୁ ୨୦୦୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଦିଆଯାଇଥିଲା। ଅନ୍‌ଲାଇନ ଅନୁସାରେ ଅଧାରୁ ଅଧିକ ଧାନ ଏବେ ସୁଦ୍ଧା କିଣାଯିବାକୁ ଥିବାବେଳେ ଟାର୍ଗେଟ୍ ନ ମିଳିବା ସମିତି ଓ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ତୁରନ୍ତ ଟାର୍ଗେଟ୍ ଦିଆଯିବାକୁ ସମିତି ସମ୍ପାଦକ, ବୋର୍ଡ ସଦସ୍ୟ, ସଭାପତିମାନେ ଦାବି କରିଛନ୍ତି।

### ମଦ ଦୋକାନ ଭଙ୍ଗାରୁଜା ଘଟଣା
## ଥାନାରେ ୨ ମାମଲା

**ବାସୁଦେବପୁର, ୨୦।୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ବିଦେଇପୁର ବଜାର ଓ ସଂଲଗ୍ନ ଅଞ୍ଚଳରେ ଚୋରାମଦ ଦୋକାନକୁ ବିରୋଧ କରି ଗ୍ରାମର ମହିଳାମାନେ ମଙ୍ଗଳବାର ଅପରାହ୍ନରେ ଦୋକାନ ଭଙ୍ଗାରୁଜା କରିଥିଲେ। ମହିଳା ଓ ଚୋରାମଦ ବିକ୍ରେତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଉଭୟ ପକ୍ଷରୁ ୭ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଉଭୟ ପକ୍ଷରୁ ଏତଲା କ୍ରମେ ନାୟକାଣିଡିହୀ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଆନ୍ଦୋଳନକାରୀଙ୍କ ପକ୍ଷରୁ କମଳିନୀ ମଲିକଙ୍କ ଅଭିଯୋଗ କ୍ରମେ ମାମଲା(ନଂ.୧୬/୧୯) ଓ ଅପରପକ୍ଷର ସୁଦର୍ଶନ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୧୭/୧୯) ରୁଜୁ କରାଯାଇଛି।

# ବିରଞ୍ଚି ନାରାୟଣଙ୍କ ପୀଠରେ ଗୁଣ୍ଠୁଣି ମେଳା

**ତିହିଡ଼ି, ୨୦।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତ ପାଳିଆ ଗ୍ରାମସ୍ଥିତ ଶ୍ରୀ ବିରଞ୍ଚି ନାରାୟଣଙ୍କ ପୀଠରେ ବୁଧବାରଠାରୁ ଗୁଣ୍ଠୁଣି ମେଳା ଆରମ୍ଭ ହୋଇଛି। ଠାକୁରଙ୍କ ଅନେକ ପର୍ବ ମଧ୍ୟରୁ ଏହି ପର୍ବ ବିଶେଷ ଗୁରୁତ୍ୱ ବହନ କରିଥାଏ। ମେଳା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମନ୍ଦିର ନିକଟରେ ପହଞ୍ଚିଥିଲେ। ଠାକୁରଙ୍କୁ ଫୁଲଛତା ଅର୍ପଣ କଲେ ଛଉଜାତୀୟ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଣୁ ମାନସିକଧାରୀ ଫୁଲଛତା ଓ ବିଞ୍ଚଣା ଅର୍ପଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ମେଳାରେ ସେମାନଙ୍କ ଦୋକାନ ପକାଇଛନ୍ତି। ୩ ଦିନ ଧରି ଏହି ମେଳା ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଜନଶ୍ରୁତି ରହିଛି ଯେ, ପୂର୍ବରୁ ପାଳିଆ ଗ୍ରାମ ନିକଟରେ ସମୁଦ୍ର ଥିଲା ଏବଂ ସେଠାରେ ଥିବା ବନ୍ଦର ନାମ ଗୁଣ୍ଠୁଣି ଥିଲା। ଏଥିପାଇଁ ଗୁଣ୍ଠୁଣି ମେଳା ହୋଇଆସୁଥିବା କୁହାଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ପୁଅ ଶାମ୍ବ ଶାପଗ୍ରସ୍ତ ହେବା ପରେ ବିରଞ୍ଚି ନାରାୟଣଙ୍କ ଆଶ୍ରିତ ହୋଇ ଶାପମୁକ୍ତ ହୋଇଥିବା କଥିତ ଅଛି। ଠାକୁରଙ୍କ ମନ୍ଦିରରେ ୪ ଦିଗକୁ ୪ ଟି ଦ୍ୱାର ରହିଛି ଏବଂ ମନ୍ଦିର ଭିତରେ ଚତୁର୍ମୁଖୀ ବ୍ରହ୍ମା ପୂଜା ପାଇଆସୁଛନ୍ତି। ମନ୍ଦିର ଏକ ରଥ ସଦୃଶ ହୋଇଥିଲେ ମଧ୍ୟ କାଳକ୍ରମେ ରଥର ଚକ ସବୁ ମାଟିରେ ପୋତି ହୋଇଯାଇଥିବାରୁ ଏବେ କେବଳ ମନ୍ଦିର ବିଦ୍ୟମାନ ରହିଛି।


ଶ୍ରୀ ବିରଞ୍ଚି ନାରାୟଣଙ୍କ ମୂର୍ତ୍ତି।

# ସରିଲା ଧାମନଗର ମହୋତ୍ସବ


ମହୋତ୍ସବରେ ଅତିଥିମାନେ 'ସଦ୍‌ଭାବନା' ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ଧାମନଗର, ୨୦।୨ (ଡି.ଏନ.ଏ.)**

### ୩୦ ପ୍ରତିଭା ସମ୍ବର୍ଦ୍ଧିତ

ଧାମନଗର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଧାମନଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୫ମ ସନ୍ଧ୍ୟାରେ ୩୦ଜଣ ପୂଜ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ପୂଜ୍ୟଙ୍କୁ ସମ୍ମାନ କରିବା ସହ ମହିଳାଙ୍କୁ ସୁରକ୍ଷା ଦେବାରେ ଧାମନଗର ବ୍ଲକ ଆଗୁଆ ଥିବା ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସେବା ସମବାୟ ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ପୀତାମ୍ବର ସାମଲ, ବିଡିଓ ଦୁର୍ଗାଚରଣ ମୁର୍ମୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଯତିନ୍ଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ଲଗନଜିତ ବେହେରା, ତିହିଡି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୀବ ମଲ୍ଲିକ, ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଯୋଗ ଦେଇଥିଲେ। ପୂର୍ବତନ ବିଡିଓ ଡ. ନରହରି ବେହେରା ସଂଯୋଜନା କରିଥିଲେ। ପୂର୍ବତନ ତହସିଲଦାର ଚାର୍ଲସ ନାୟକ ଧନ୍ୟବାଦ ଦେଇଥିଲେ। ଗିରୀଶ ମହାନ୍ତିଙ୍କ ଟୃପ ନୃତ୍ୟ, ତାରିକ ଅଜିଜ୍‌ଙ୍କ ଟୃପ ସଂଗୀତ ପରିବେଷଣ ଏବଂ ହାସ୍ୟ ଅଭିନେତା ସୁମନଙ୍କ ଅଭିନୟ ମୁଖ୍ୟ ଆକର୍ଷଣ ସାଜିଥିଲା।

ଏହି ଅବସରରେ ମନ୍ତ୍ରୀ ସାମଲ ଓଡିସି ତରଫରୁ ନବନିର୍ମିତ ଧାମନଗର ପାନ୍ଥଶାଳାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଅତିଥିମାନଙ୍କ ଦ୍ୱାରା ଧାମନଗର ସଂସ୍କୃତି ଏବଂ ଐତିହ୍ୟ ଆଧାରିତ ପୁସ୍ତକ 'ସଦ୍‌ଭାବନା'କୁ ଲୋକାର୍ପଣ କରାଯାଇଥିଲା। କୋରିଓଗ୍ରାଫର ଗିରୀଶ ମହାନ୍ତି, ଅଧ୍ୟାପକ ନୀହାର ରଞ୍ଜନ କର, କବି ଦୟାନିଧି ମିଶ୍ର, ନାଟ୍ୟକାର ନିର୍ମଳ ରାଉତ, ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସୁବାସ ଚନ୍ଦ୍ର ମଲ୍ଲିକ, ଚିତ୍ରଶିଳ୍ପୀ ନିରଞ୍ଜନ ନାୟକ, ଅଙ୍ଗନୱାଡି କର୍ମୀ ଶାନ୍ତିଲତା କର, ଅବଦୁଲ ହାକିମ, ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଲିପ୍ସା ମିଶ୍ର ଏବଂ ସ୍ମୃତିରେଖା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧାମନଗରର ବିକାଶ ପୁରୁଷ ଭାବେ ବିଧାୟକ ମଣ୍ଡଳଙ୍କୁ ଅଧ୍ୟାପକ ନିତ୍ୟାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଉନ୍ନୟନ ପରିଷଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଧାମନଗର ହେଲ୍ପ ଗ୍ରୁପ ତରଫରୁ ସେକ୍ ଜାଫର ଅଲ୍ଲୀଙ୍କ ନେତୃତ୍ୱରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନଗୁଁଆ ସମବାୟ ସମିତିରେ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ

**ଭଣ୍ଡାରିପୋଖରୀ, ୨୦।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ସଦରମହକୁମାରେ ଥିବା ନଗୁଁଆ ସେବା ସମବାୟ ସମିତିରେ ଧାନକିଣା ଅବ୍ୟବସ୍ଥା ନେଇ ଚାଷୀମାନେ ବିଭିନ୍ନ ସମୟରେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବା, ସମିତିରେ ତାଲା ପକାଇବା ଭଳି ଘଟଣା ଘଟି ଚାଲିଛି। ହେଲେ ଏହାର ଆଶୁ ସମାଧାନ ହୋଇପାରୁ ନାହିଁ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଯୋଗାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦିବାକର ବାରିକ ମଙ୍ଗଳବାର ଅଚାନକ ଏହି ସମିତି ପରିଦର୍ଶନରେ ଆସି ଧାନକିଣା ସମ୍ପର୍କିତ କାଗଜପତ୍ର ଯାଞ୍ଚ କରିଛନ୍ତି। ତାଙ୍କ ସହିତ ଜିଲା ସହକାରୀ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଉପସ୍ଥିତ ରହି କାଗଜପତ୍ର ତନଖି କରିଥିଲେ। ସେହିପରି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଉଚ୍ଚ ପଦାଧିକାରୀ ଏହି ସମିତିକୁ ଆସି ଯାଞ୍ଚ କରିଥିଲେ। ଯୋଗାଣ ବିଭାଗ ପକ୍ଷରୁ ସମିତିକୁ ଧାନକ୍ରୟର ଧାର୍ଯ୍ୟ ଲକ୍ଷ୍ୟ ପାଇଁ ଅନୁମତି ଦିଆଯାଇ ନ ଥିବାବେଳେ ଯେତିକି ଅନୁମତି ଆସୁଛି ତାହା ବେପାରୀମାନେ କୌଶଳକ୍ରମେ ଅକ୍ତିଆର କରିନେଉଥିବା ଅଭିଯୋଗ ହୋଇଥିଲା।

# ମୌଳିକ ସୁବିଧା ଅପହଞ୍ଚ

କେନ୍ଦୁଝର, ୨୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଅନେକ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଅଦ୍ୟାବଧି ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଗ୍ରାମବାସୀଙ୍କ ବିକାଶ ପାଇଁ ଥିବା ଯୋଜନା କାମରେ ଲାଗୁନି। ଗ୍ରାମରେ ରହିଥିବା ସମସ୍ୟା ଦୂର କରି ବିକାଶ ପାଇଁ କାଳିଆ ଓ ପିଠା କାର୍ଯ୍ୟକ୍ରମ କରାଯାଉଛି। ଏହା ସତ୍ତ୍ୱେ ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ସମସ୍ୟାକୁ ନେଇ ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତର କଡାକଳା ଗ୍ରାମର ଭୂୟାଁ ସମ୍ପ୍ରଦାୟର ଲୋକେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଛନ୍ତି। ଦୀର୍ଘ ୬୦ କି.ମି. ରାସ୍ତା ଅତିକ୍ରମ କରି ମହିଳାପୁରୁଷ ଆସି ସମସ୍ୟା ଜଣାଇଥିଲେ।

ଉକ୍ତ ଗ୍ରାମରେ ପାଖାପାଖି ୮୦ ଭୂୟାଁ ଆଦିବାସୀ ପରିବାର ରହୁଛନ୍ତି। ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ।


ସମସ୍ୟା ଜଣାଇବାକୁ ଆସିଥିବା ଭୂୟାଁ ଆଦିବାସୀ।

ଗାଁରେ ଆମ୍ବୁଲାନ୍ସ ପହଞ୍ଚି ପାରୁ ନ ଥିବାରୁ ରୋଗୀକୁ ବୋହି ରାସ୍ତାକୁ ଆଣିବାକୁ ପଡୁଥିବା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉନାହିଁ। ପିଇବା ପାଣି ପାଇଁ ବ୍ୟବସ୍ଥା ନାହିଁ। ପାଖ ରକ୍ତିଆମଲାଣୀ ନଦୀରୁ ପାଣି ପିଇବାକୁ ଲୋକେ ବାଧ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ରାତି କାଟୁଛି। ଗରୀବ ଲୋକ ରାଶନ କାର୍ଡ ପାଇନାହାନ୍ତି। ସରକାରଙ୍କ ବିଭିନ୍ନ ଆବାସିକ ଯୋଜନାରେ ଘର ପାଇ ନ ଥିବା ଅଭିଯୋଗ ହୋଇଛି। ଚାଉଳ ପାଇଁ ୧୫ କି.ମି. ଦୂର କାଦକଳା ପଞ୍ଚାୟତକୁ ଜଙ୍ଗଲ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ଅନେକ ହିତାଧିକାରୀ ନିୟମିତ ଚାଉଳ ପାଇପାରୁ ନ ଥିବା ବିଜୁ ଯୁବ ବାହାନୀ ସୁଲୋଚନା ଦେହୁରୀ କହିଛନ୍ତି। ଏ ନେଇ ପଞ୍ଚାୟତ ଓ ବ୍ଲକରେ ଜଣାଇଥିଲେ ହେଁ ସୁଫଳ ମିଳିଲା ନାହିଁ। ଏ ନେଇ ଜିଲାପାଳଙ୍କ ପାଖକୁ ଆସିଥିବା ସେମାନେ କହିଛନ୍ତି।

- ଡିବିରି ଆଲୋକ ସାହାଭରସା
- ଭୋଟ ବର୍ଜନ ନିଷ୍ପତ୍ତି ନେଲେ ଗ୍ରାମବାସୀ

ବିଜୁଳି ନ ଥିବାରୁ ଡିବିରି ଆଲୋକ ହିଁ ସାହା ଭରସା ହୋଇଛି। କିରୋସିନି ମିଳୁ ନ ଥିବାରୁ ଅନେକ ଅନ୍ଧାରରେ ରାତି କାଟିବାକୁ ପଡୁଛି ବୋଲି କମଳା ଦେହୁରି, ସୁଲୋଚନା ଦେହୁରି ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ମୌଳିକ ସୁବିଧା ନ ମିଳିଲେ ବାଧ୍ୟ ହୋଇ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ସେମାନଙ୍କ ସମସ୍ୟା ସମାଧାନ କରିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ଜଣାଯାଇଛି। କାଦକଳା ପଞ୍ଚାୟତର ଉକ୍ତ ଗ୍ରାମ ସହ ଉପରକାଦକଳାରେ ମଧ୍ୟ ସମସ୍ୟା ଲାଗି ରହିଛି। ଲୋକେ ବହୁ ଅସୁବିଧା ଭୋଗୁଛନ୍ତି।

# କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

ଚମ୍ପୁଆ, ୨୦।୨(ଡି.ଏନ.ଏ.)

ଉଠା ଜଳସେଚନ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ମାଧ୍ୟମରେ ଚାଷ ପାଇଁ ଆବଶ୍ୟକ ଜଳ ଯୋଗାଇ ଦିଆଯାଉଥିବା ବେଳେ ଚମ୍ପୁଆ ବ୍ଲକ ପତଳା ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସବୁଥାଇ ବି ଚାଷୀ ୨ ବର୍ଷ ହେଲା ଚାଷ ପାଇଁ ଜଳ ପାଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନି। ଏ ନେଇ ପାଣି ପଞ୍ଚାୟତର ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଛନ୍ତି।

ପତଳା ଗ୍ରାମରେ ୨୦୧୬ରେ ୧୬.୨୪ ଲକ୍ଷ ବ୍ୟୟ ଅଟକଳରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ଖରିଫ ଋତୁରେ ୨୦ ହେକ୍ଟର ଓ ରବି ଋତୁରେ ୨୦ ହେକ୍ଟର ଜମିରେ ପାଣି ମାଡ଼ିବାର ଯୋଜନା ରହିଥିଲା। ଠିକାଦାର କାର୍ଯ୍ୟ ଶେଷ କରି ପ୍ରଥମ ପରୀକ୍ଷାମୂଳକ ଭାବେ ପାଣି ଛଡ଼ା ଯାଇଥିଲା। ସେହି ସମୟରେ ବହୁ ସ୍ଥାନରେ ପାଣି ଲିକ୍ କରିଥିଲା। ଫଟା ପାଇପ ମରାମତି ପାଇଁ ଠିକାଦାରଙ୍କୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। । ପଏଣ୍ଟ ପାଣିକୁ ଭରସା କରି ମୁଗ ଚାଷ କରିଥିବା ଚାଷୀଙ୍କ ଫସଲ ବଞ୍ଚାଇବାକୁ ଯାଇ କିରୋସିନ ପମ୍ପ ବ୍ୟବହାର କରି ପାଣି ଛିଞ୍ଚନ କରିବାକୁ ପଡିଲା। ପାଣି ବ୍ୟବହାର ନ କରି ମଧ୍ୟ ବିଦ୍ୟୁତ ବିଲ୍ ଆସିଥିଲା। ଏହାର ସମାଧାନ ପାଇଁ ଲୋକେ ପାଣି ପଞ୍ଚାୟତ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଚମ୍ପୁଆ ବିଡିଓ, ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଆସୁଛି। କୌଣସି ସଫଳତା ମିଳିନି। ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ହଳଧର ସେନାପତିଙ୍କୁ ପଚାରିବାରୁ ୨୬ରେ ଏକ କ୍ୟାମ୍ପ କରାଯାଇ ଏହାର ସମାଧାନ କରାଯିବା ସହ ବ୍ଲକରେ ଥିବା ପାଣି ପଞ୍ଚାୟତଗୁଡିକର ବିଦ୍ୟୁତ୍ ସମସ୍ୟାକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।


ପ୍ରକଳ୍ପ ପାଇଁ ବସାଯାଇଥିବା ଟ୍ରାନ୍ସଫର୍ମର।

## ସଂକ୍ଷେପରେ

### ପିଠା କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନା

ପାଟଣା, ୨୦।୨(ସ୍ୱ.ପ୍ର.): ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୃଥକ ଭାବେ ପିଠା କାର୍ଯ୍ୟକ୍ରମ ହୋଇଥିଲା। ପିଠା ଆଣି ଅର୍ଥ ନ ପାଇଥବା ଓ ସ୍ଥାନୀୟ ଗ୍ରାମରେ ଅଗ୍ନି ଉତ୍ସବ ଥିବାରୁ ଆମିଷ ଭୋଜନକୁ ଗ୍ରାମବାସୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ସ୍ଥାନୀୟ ସରପଞ୍ଚ ପାର୍ବତୀ ଦେହୁରିଙ୍କୁ ପାଚାରିବାରୁ ଆମିଷ ଭୋଜନ ବନ୍ଦ କାରାଯାଇଛି। ସହାୟିକା ଗୋଷ୍ଠୀ ମହିଳାଙ୍କ ଅର୍ଥ ମଧ୍ୟ ପୈଠ ହୋଇଛି। ସାମୟିକ ପାଇଁ ଖାଦ୍ୟ ନିୟନ୍ତ୍ରଣ ହୋଇଥିଲା ଯାହାର ତୁରନ୍ତ ସମାଧାନ ହୋଇଛି।

### ପୃଥକ୍ ଦୁର୍ଘଟଣାରେ ୩ ଆହତ

କେନ୍ଦୁଝର ୨୦।୨ (ସ୍ୱ.ପ୍ର.): ସଦର ଥାନା ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକୁସୁମିତା ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରି ନବୀନ ପଲେଇ ନାମକ ଜଣେ ସ୍ୱେଚ୍ଛାସେବୀ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେମାନେ ହେଲେ ଅର୍ଜୁନ ମାଝୀ ଓ ସୁକଦେବ ମାଝୀ। ଉଭୟ ବାଇକ୍‌ରେ ଯାଉଥିବା ବେଳେ ରାସ୍ତାରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଅନ୍ୟପଟେ ବାଂଶପାଳ ବ୍ଲକ ମରେଇସାହି ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ସେ ଗୁରୁତର ଥିବା ଜଣାପଡିଛି। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଡାକ୍ତରଖାନାକୁ ଆଣିଥିଲେ।

### ଦାୟିତ୍ୱ ନେଲେ ଥାନା ଅଧିକାରୀ

ପାଟଣା, ୨୦।୨(ସ୍ୱ.ପ୍ର.): ପାଟଣା ଥାନାରେ ନୂତନ ଥାନା ଅଧିକାରୀ ଭାବେ ବୁଧବାର ପୁଷ୍ପାଞ୍ଜଳି ସାମନ୍ତରାୟ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ପୁଷ୍ପାଞ୍ଜଳି ରାଉରକେଲା ଛେଣ୍ଡ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଅପରପକ୍ଷରେ ପୂର୍ବରୁ ଥିବା ପାଟଣା ଥାନା ଅଧିକାରୀ ପ୍ରମୋଦିନୀ ସାହୁଙ୍କର ରାଉରକେଲାକୁ ବଦଳି ହୋଇଛି।

### ଖବରଦାତାଙ୍କ ପିତୃ ବିୟୋଗ



ରାଇସୁଆଁ, ୨୦।୨(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମର ଧରିତ୍ରୀ ଖବରଦାତା ସଞ୍ଜୀବ ସାହୁଙ୍କ ପିତା କୁଞ୍ଜବିହାରୀ(୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶିଶୁମନ୍ଦିରରେ ମାତୃସମ୍ମିଳନୀ

ହାଟଡିହୀ, ୨୦।୨- ହାଟଡିହୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଶିଶୁ ମନ୍ଦିରର ସଭାପତି ତୁଳସୀ ଗୋଲାମ ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ କର ଶିଶୁ ମନ୍ଦିରର ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷା ବିକାଶ ସମିତିର ନୀତିନିୟମ ଓ ମାତୃ ସମ୍ମିଳନୀର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ।

### ମା’ ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବ

ଯୋଡ଼ା, ୨୦।୨(ଡି.ଏନ.ଏ.): ଯୋଡ଼ା ମା’ ମଙ୍ଗଳା ମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଉତ୍ସବରେ ଘଟ ଉତ୍ତୋଳନ ଓ କଳସଯାତ୍ରା, ସନ୍ଧ୍ୟା ଆଳତୀ ଓ ଅଙ୍କୁରାରୋପଣ ହୋଇଥିଲା। ବୁଧବାର ମହାସ୍ନାନ, ମହାବେଶ, ଧୂପ, ଧ୍ୱଜ ପରିବର୍ତ୍ତନ ଓ ଆଳତୀ, ହୋଇଥିଲା। ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ବୋଲି ମନ୍ଦିରର ମୁଖ୍ୟ ପୂଜକ ନିଞ୍ଜନ ଦାସ, ପୂଜକ ସ୍ମୃତିରଞ୍ଜନ ଦାସ ଓ ବାୟାଧର ଦାସ ସୂଚନା ଦେଇଛନ୍ତି।

# ପ୍ରତିଶ୍ରୁତି ପରେ ଅନଶନ ହଟିଲା


ଧାରଣାରେ ବସିଥିବା ମହିଳା।

ଝୁମ୍ପୁରା, ୨୦।୨(ଡି.ଏନ.ଏ.)

ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ ଦିନ ଧରି ଜାରି ରହିଥିବା ଅନଶନ ଓ ଧାରଣାର ସାମୟିକ ଭାବେ ପ୍ରତ୍ୟାହୃତ ହୋଇଛି। ପ୍ରତିଶ୍ରୁତି ମିଳିବା ପରେ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଧାରଣା ଦେଇଥିବା ୫ ଜଣ ମହିଳା ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଜଣେ ଅସୁସ୍ଥଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ରାତିରେ ସ୍ଥାନାନ୍ତର କରାଯାଇଛି। ଝୁମ୍ପୁରା ସିଡିପିଓ ସୁଲତା ନାୟକଙ୍କ ପକ୍ଷପାତିତା ନୀତିକୁ ବିରୋଧ କରି ମହିଳାମାନେ ଅନଶନରେ ବସିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। କୌଣସି ଜିଲାସ୍ତରୀୟ ଅଧିକାରୀ ସେମାନଙ୍କ ପ୍ରତି ଦୃଷ୍ଟି ନ ଦେବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି।

ଧାରଣାରତ ମହିଳା ମଙ୍ଗଳାବର ସିଡିପିଓଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ। କର୍ମଚାରୀଙ୍କୁ କାର୍ଯ୍ୟାଳୟ ଭିତରକୁ ଛାଡି ନ ଥିଲେ। ଦିନ ୧୦ଟା ସମୟରେ ଡିଏସଡବ୍ଲ୍ୟୁଓ ଧାରଣାରତ ମହିଳାଙ୍କ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ପୋଲିସ, ବିଡିଓ, ତହସିଲଦାର ଆଲୋଚନାରେ ସାମିଲ ହୋଇଥିଲେ। ଦିନସାରା ଅଭିଯୋଗ, ବାଦାନୁବାଦ ଆଦି ତର୍କ ଚାଲିବା ପରେ ମଧ୍ୟ ସମାଧାନ ପନ୍ଥା ବାହାରି ନ ଥିଲା। ଶେଷରେ ସଡିପିଓଙ୍କ ରିପୋର୍ଟ ଉପରେ ଡିଏସଡବ୍ଲ୍ୟୁଓଙ୍କ ପ୍ରତିଶ୍ରୁତି ମିଳିବା ପରେ ଧାରଣା ସାମୟିକ ଭାବେ ପ୍ରତ୍ୟାହୃତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କହିଛନ୍ତି।

# ଯନ୍ତ୍ରାଂଶ ସହ ପଥର ଜବତ

ଆନନ୍ଦପୁର, ୨୦।୨(ସ୍ୱ.ପ୍ର.)

ଘସିପୁରା ବ୍ଲକ ଦାନ୍ତିଆ ନିକଟସ୍ଥ ପଟିଲୋ ସଂରକ୍ଷିତ ଜଙ୍ଗଲ ପରିସରରେ ବେଆଇନ୍ ଭାବେ ମାଙ୍କଡା ପଥର ଖନନ କରାଯାଉଥିଲା। ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ମଙ୍ଗଳବାର ରାତିରେ ଚଢାଉ କରାଯାଇଛି। ଡିଏଫଓ ଅଜିତ୍ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଏସିଏଫ ପ୍ରଫୁଲ୍ଲ ମଲ୍ଲିକ, ରେଞ୍ଜ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ନବକିଶୋର ନାଏକ, ମଳୟ ସାହୁ, ଫରେଷ୍ଟଗାର୍ଡ ରଶ୍ମିରଞ୍ଜନ ରାଉତ, ରଞ୍ଜନ ବେହେରା, ଅବିନାଶ ପରିଡା, ଜ୍ୟୋତ୍ସ୍ନାମୟୀ ଜେନା, ଜଙ୍ଗଲ ସୁରକ୍ଷା ବାହିନୀ ସଦସ୍ୟ ଏହି ଚଢାଉରେ ସାମିଲ ହୋଇଥିଲେ। ଚଢାଉ ସମୟରେ ଅନ୍ଧାରର ସୁଯୋଗ ନେଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବେଆଇନ ମାଙ୍କଡା କଟାଯାଉଥିବା ଏକ ପାୱାର ଟିଲର୍, ଗୋଟିଏ ଚୁଟା, ଦୁଇଟି ରେଞ୍ଜ, ୧୧ ମାଙ୍କଡା ପଥରକୁ ବନବିଭାଗ କର୍ମଚାରୀ ଜବତ କରିଥିଲେ।

# ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

କେନ୍ଦୁଝର, ୨୦।୨(ସ୍ୱ.ପ୍ର.)

ସ୍ଥାନୀୟ କେନ୍ଦୁଝର ଇଂଜିନିୟରିଂ ବିଦ୍ୟାଳୟ ଡିପ୍ଲୋଠାରେ ନିଶାମୁକ୍ତ ଭାରତ ଗଠନ ନେଇ ଏକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ରବିଶଙ୍କ ଆର୍ଟ ଅଫ ଲିଭିଙ୍ଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂଜିନିୟରିଂ ବିଦ୍ୟାଳୟ, ଫାର୍ମାସୀ କଲେଜର ଛାତ୍ରୀଛାତ୍ର, ଅଧ୍ୟାପକ ତଥା ଅନ୍ୟକର୍ମଚାରୀ ଯୋଗ ଦେଇଥିଲେ। ଭିଡିଓ ମାଧ୍ୟମରେ ରବିଶଙ୍କରଙ୍କ ସଚେତନତା ବାର୍ତ୍ତା ସହ ପ୍ରାର୍ଥନା, ସଙ୍ଗୀତ, ସ୍ଲୋଗାନକୁ ଛାତ୍ରୀଛାତ୍ର ଶୁଣିଥିଲେ। ରବିଶଙ୍କରଙ୍କ ଶପଥକୁ ସମସ୍ତେ ଦୋହରାଇ ନିଶାମୁକ୍ତ ଭାରତ ଗଠନରେ ସାମିଲ ହେବା ପାଇଁ ମତ ବ୍ୟକ୍ତ କରିଥିଲେ। ଆର୍ଟ ଅଫ ଲିଭିଙ୍ଗର ଅଧ୍ୟାପିକା ଅର୍ପିତା ମହାନ୍ତି ଓ ଅଧ୍ୟାପକ ଅଜୟ କୁମାର ମାରାଣ୍ଡି ଉପସ୍ଥିତ ରହି ସଚେତନତା କରାଇଥିଲେ।

# ବରିଷ୍ଠ ନାଗରିକଙ୍କ ବୈଠକ

କେନ୍ଦୁଝର, ୨୦।୨(ସ୍ୱ.ପ୍ର.)

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାସିକ ବୈଠକ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ଅବସରପ୍ରାପ୍ତ ଓ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୬ରେ ବାର୍ଷିକ ଉତ୍ସବ ତୈଳିକ ସମାଜ ଗୃହରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନର କାର୍ଯ୍ୟପନ୍ଥା ମଧ୍ୟ ନିର୍ଦ୍ଧାରଣ କରାଯାଇଥିଲା। ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ସଦସ୍ୟ ସାମିଲ ହେବା ସହ ପୂର୍ବରୁ ନାମ ପଞ୍ଜୀକୃତ କରିବାକୁ ସମ୍ପାଦକ ବଳରାମ ପୃଷ୍ଟି ନିବେଦନ କରିଥିଲେ।

# ରାଜକିଶୋରଙ୍କ ସ୍ମୃତିସଭା

ଆନନ୍ଦପୁର, ୨୦।୨(ସ୍ୱ.ପ୍ର.)

ଆନନ୍ଦପୁରର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ରାଜକିଶୋର ଦାସଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେ ଜଣେ ପରୋପକାରୀ, ସାମାଜିକର୍ମୀ ଭାବେ ଅଞ୍ଚଳରେ ବେଶ ପ୍ରସିଦ୍ଧିଲାଭ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଏହି ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପରିବାରର ସମସ୍ତ ସଦସ୍ୟ, ବନ୍ଧୁପରିଜନ ଉପସ୍ଥିତ ଥିଲେ। ସେ ଜଣେ ଜଣାଶୁଣା ବ୍ୟବସାୟୀ ଭାବେ ମଧ୍ୟ ପ୍ରତିଷ୍ଠାଲାଭ କରିଥିଲେ।

# ଅସୁରକ୍ଷିତ କେନ୍ଦୁଝର ଷ୍ଟାଡିୟମ

କେନ୍ଦୁଝର, ୨୦।୨(ସ୍ୱ.ପ୍ର.)

କେନ୍ଦୁଝର ଷ୍ଟାଡିୟମର ବିକାଶ ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଏହାର ଗେଟ ଅସୁରକ୍ଷିତ ଭାବେ ରହିଛି। ମରାମତି କରାଯାଉ ନ ଥିବାରୁ ଛୋଟ ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉନାହିଁ। କେନ୍ଦୁଝର ସହରର ଏକ ମାତ୍ର ଷ୍ଟାଡିୟମ ଦୀର୍ଘ ବହୁ ବର୍ଷ ହେଲା ଅବହେଳିତ ହୋଇ ରହିଛି। ସବୁଠାରୁ ପୁରୁଣା ମୁଖ୍ୟ ଗେଟ (ଲୁହାଗେଟ) ଦୀର୍ଘ ବହୁ ବର୍ଷ ହେଲା ମେଲା ପଡିଛି। ଏହାର ସଜଡ଼ା ଯାଉ ନ ଥିବାରୁ ପିଲାଠାରୁ ଆରମ୍ଭ କରି ବଡ ଲୋକ ଗଳିଯାଉଛନ୍ତି। ଅନେକ ସମୟରେ ପୋଷାକ ଛିଣ୍ଡିବା ସହ କ୍ଷତବିକ୍ଷତ ହେଉଛନ୍ତି। ପଡ଼ିଆର ରିଜର୍ଭ ପୋଲିସ ଆଡୁ ପ୍ରବେଶ ପଥ ନିର୍ମାଣ କରାଯାଇଥିଲେ ହେଁ ସବୁବେଳେ ବନ୍ଦ ରହିଥାଏ। ଏହି ଲୁହା ଗ୍ରୀଲ ଗେଟ ମରାମତି କରାଯାଉ ନ ଥିବାରୁ ସବୁଦିନ ଖେଳାଳିମାନେ ଯାତାୟାତ କରିଥାନ୍ତି।


ଷ୍ଟାଡିୟମର ଫାଟକ।

ବିଭିନ୍ନ ଖେଳକୁଦ, ଦିବସ ପାଳନ, ସ୍କୁଲ ଓ କଲେଜ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଷ୍ଟାଡିୟମକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବହୁ ଅର୍ଥ ଖର୍ଚ୍ଚ କରାଯାଇ ଘାସ ବିଛା ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଏବଂ ଏହା ଉପରେ ସଭାସମିତି ଆୟୋଜନ କରାଯିବା ଫଳରେ ନଷ୍ଟ ହୋଇଯାଇଛି। ପଡିଆରେ ଧୂଳି ଉଡୁଥିବା ବେଳେ ଅସୁରକ୍ଷିତ ହୋଇ ପଡିଥିବାରୁ ଖେଳାଳି ବହୁ ଅସୁବିଧା ଭୋଗୁଛନ୍ତି। ସେହିପରି ଗ୍ୟାଲେରି ଅଛି। ଉପରେ ଛପର ନାହିଁ। ଚାରିପାଖ ପରିତ୍ୟକ୍ତ ହୋଇ ରହିଛି। ଅନେକ ସମୟରେ ଏହା ଭିତରେ ଓ ବାହାରେ ଅସାମାଜିକ କାର୍ଯ୍ୟ ଚାଲୁଥିଲେ ହେଁ କାହାରି ଦୃଷ୍ଟି ପଡୁନାହିଁ ବୋଲି କ୍ରୀଡ଼ାବିତ ନିର୍ମଳ ନାୟକ କହିଛନ୍ତି। ସବୁଦିନ ସକାଳେ ବହୁ ସଂଖ୍ୟାରେ ପିଲା ପ୍ରାତଃ ଭ୍ରମଣ, ବ୍ୟାୟମ, ଖେଳକୁଦ କରିବାକୁ ଆସୁଥିଲେ ହେଁ ଅସ୍ୱାସ୍ଥ୍ୟକର ପରିବେଶ, ଅସୁରକ୍ଷିତ ଯାତାୟାତ ପଥ ଯୋଗୁଁ ବହୁ ସମସ୍ୟା ଦେଖାଦେଉଛି ବୋଲି ପ୍ରଦୀପ ମହାନ୍ତି କହିଛନ୍ତି।

# ରାସ୍ତା କାମରେ ଅନିୟମିତତା


ରାସ୍ତାରେ କେବଳ ମାଟି ପକା ଯାଇଛି।

ତେଲକୋଇ, ୨୦।୨(ଡି.ଏନ.ଏ.)

ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ ଭାଲିଆଡ଼ାଳ ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୨. କି.ମି. ରାସ୍ତା କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଉକ୍ତ ରାସ୍ତାରେ କେବଳ ମାଟି ପକାଇ ବିଲ କରିବା ଲାଗି ମସୁଧା କରାଯାଇଥିବା ଗ୍ରାମର ଶରତ ପହି, ହେମନ୍ତ ପହି, ବଳରାମ ନାଏକ ପ୍ରମୁଖ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ କରିବାରୁ ଠିକାଦାର ଜଣଙ୍କ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟକୁ ଅଶାଳୀନ ବ୍ୟବହାର କରିବା ସହ କ’ଣ ପାଇଁ ଅଭିଯୋଗ କରାଯାଉଛି ବୋଲି କହି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ କହିଥିଲେ। ବିଭାଗୀୟ ଯନ୍ତ୍ରୀ କମଳ ପ୍ରସାଦ ଭୂୟାଁଙ୍କୁ ପଚାରିବାରୁ କେବଳ ଉକ୍ତ ପଞ୍ଚାୟତରେ ମନେରେଗା କାର୍ଯ୍ୟ କରାଯାଉଛି। ଅନ୍ୟ କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ସେ କହିଛନ୍ତି।

# ଶହୀଦଙ୍କୁ ସମ୍ମାନ, ବାଇକ୍ ରାଲି, ଶୋଭାଯାତ୍ରା

ଆନନ୍ଦପୁର, ୨୦।୨(ସ୍ୱ.ପ୍ର.)

କଶ୍ମୀରିର ଫୁଲୱାମାରେ ଶହୀଦ ହୋଇଥିବା ୪୪ ଯବାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଭାରତବନ୍ଦକୁ ଆନନ୍ଦପୁରରେ ଅପୂର୍ବ ସମର୍ଥନ ମିଳିଥିଲା। ଆନନ୍ଦପୁର ବଡଦାଣ୍ଡ ଠାରେ ବ୍ୟବସାୟୀ ରମେଶ ସିଂହଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା। ବ୍ରିଜଛକ ଠାରେ ବ୍ୟବସାୟୀ ବାପି ଦାସ ଓ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ବ୍ୟବସାୟ ପ୍ରତିଷ୍ଠନା ଗୁଡିକ ବନ୍ଦ ରହିଥିଲା। ଆନନ୍ଦପୁରର ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ଶିକ୍ଷାବିତ୍ ରାମଚନ୍ଦ୍ର ସୁର, ଶୁକଦେବ ସାହୁ, ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ଅବସରପ୍ରାପ୍ତ ସୈନିକ ଗଗନ ବିହାରୀ ସିଂହ, ରାମଚନ୍ଦ୍ର ଜେନା, ପଦ୍ମନାଭ ପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆନନ୍ଦପୁର ସରକାରୀ ଆଇଟିଆଇ ପକ୍ଷରୁ ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶିକ୍ଷା କର୍ମଚାରୀ ଦିପ୍ତିରଞ୍ଜନ ଜେନା, ପ୍ରକାଶ ରାଉତ, ମନୋରଞ୍ଜନ ମହାରଣା, କ୍ରିଷ୍ଣାଶିଷ ବେହେରା, ଉତ୍ତମ ସାହୁ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର କ୍ୟାଣ୍ଡଲ ଶୋଭାଯାତ୍ରା କରିଥିଲେ।



ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା।

**ଯୋଡ଼ା, (ଡି.ଏନ.ଏ.)**

ଯବାନମାନଙ୍କ ଆତ୍ମାର ସଦଗତି ପାଇଁ ସୋମବାର ଜୁରୁଡି କେଏମସି ଓ ନ୍ୟୁ କଲୋନୀ ଯୁବକ ସଂଘ ପକ୍ଷରୁ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ଜୁରୁଡିଠାରୁ ଆରମ୍ଭ ହୋଇ ବାମେବାରୀ, ଜରିବାହାଲ ଓ ଜଜାଙ୍ଗ, ବନ୍ଧୁଆ ବେଡା ପରିକ୍ରମା କରିଥିଲା। ଶତାଧିକ ଯୁବକ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜୁରୁଡି ପରିକ୍ରମା କରିଥିଲେ।

**ହାଟଡିହୀ**

ହାଟଡିହୀ ବ୍ଲକରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏକ କ୍ୟାଣ୍ଡଲ ଶୋଭାଯାତ୍ରା, ନୀରବ ପ୍ରାର୍ଥନା ଓ ମନ୍ଦିରରେ ସମୁହ ଦୀପ ଦାନ ଚାଲିଥିଲା। ନିତ୍ୟାନନ୍ଦ ପହିଙ୍କ ନେତୃତ୍ୱରେ ହାଟଡିହୀ ବିକାଶ ମଞ୍ଚ ଆହ୍ୱାନରେ କ୍ୟାଣ୍ଡଲ ଶୋଭାଯାତ୍ରା ହୋଇଥିଲା। ହଟକେଶ୍ୱର ମନ୍ଦିର ଓ ହାଟଡିହୀ ତାରିଣୀ ମନ୍ଦିରରେ ସମୂହ ଦୀପ ଦାନ କରାଯାଇଥିଲା। ଛେନାପଦୀ ବଜାର କମିଟି ତରଫରୁ ତାରିଣୀ ମନ୍ଦିରଠାରେ ସମୂହ ପ୍ରାର୍ଥନା କରାଯାଇଥିଲା। ସୋସୋ ବିବେକାନନ୍ଦ ଯୁବପରିଷଦ ଓ ବଡରମ୍ପାସଠାରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ତରଫରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**କୋଳିମାଟି**

ଆନନ୍ଦପୁର ବ୍ଲକ ଅଧୀନ ଧକୋଠା ବଜାରରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ କୋଳିମାଟି ପଞ୍ଚାୟତର ସମିତି ସଭ୍ୟ ରଞ୍ଜିତ ମହାରଣା, ସାମାଜିକ କର୍ମୀ ରଘୁନାଥ ବେହେରା, ବ୍ରଜ ପାତ୍ର, କାଳିଆ ବେହେରା, ସୁଲେଖ ବେହେରା ଏବଂ ଅଲେଖ ବେହେରା ସାମିଲ ହୋଇଥିଲେ। ସେହିଭଳି କୋଳିମାଟି ପଞ୍ଚାୟତର କରଡାବଣି ଗ୍ରାମରେ ଛୋଟ ପିଲାଠାରୁ ଆରମ୍ଭ କରି ବୁଢାବୁଢୀ ହାତରେ ମହମବତୀ ଧରି କନ୍ତୋ ଛକଠାରୁ ନିଜ କରଡାବଣୀ ଗାଁ ପରିକ୍ରମ କରିଥଲେ। ସାମାଜିକ କର୍ମୀ ଛବିନ୍ଦ୍ର ପାତ୍ର, ପୁରେନ୍ଦ୍ର ପିଙ୍ଗୁଆ, ସନାତନ ହେମ୍ବ୍ରମ, ରମାକାନ୍ତ ହେମ୍ବ୍ରମ ପ୍ରମୁଖ ସାମିଲ ହୋଇଥିଲେ।

